# Akashvani, Sambalpur

## SAMBALPURI NEWS EVENING BULLETIN

**24 September 2024- 7.02 pm- 7.12 pm.**

*********************************************

୧- ଓଡ଼ିଶାର୍ ପିଲାମାନ୍‌କର୍ ଦକ୍ଷତା ପୁର୍‌ଥିର୍ ନଜର୍‌କେ ଆସିପାରିଛେ -କହେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୨- ରାଜ୍ୟର୍ ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କେ ହପ୍ତେ ଭିତ୍‌ରେ ଆଭ୍ୟନ୍ତରୀଣ ଅଭିଯୋଗ୍ କମିଟି ଗଠନ୍ କର୍‌ବାର୍‌କେ ଉଚ୍ଚଶିକ୍ଷା ବିଭାଗ୍ ଦେଲା ନିର୍ଦ୍ଦେଶ୍ ।

୩- ପୁରୀ ଶ୍ରୀମନ୍ଦିର୍, ସମ୍ବଲ୍‌ପୁର୍‌ର ସମଲେଇ ମନ୍ଦିର୍ ସହେତେ ରାଜ୍ୟର୍ ଦେବୀ ପୀଠମାନ୍‌କେ ଆଏଜ୍‌ଠାନୁ ମୁଲ୍ ହେଲା ଷୋହଲ ପୂଜା ।

ଆଉର୍

୪- ସନ୍ତାନ୍ ମାନ୍‌କର୍ ମଙ୍ଗଲ୍ କାମନା କରିକରି ମହିଳାମାନେ ପାଲନ୍ କରୁଛନ୍ ପୁଓଜିଉଁତିଆ ଓଷା ।

ବିଶ୍ୱ ଦକ୍ଷତା ପ୍ରତିଯୋଗିତା- ମୁଖ୍ୟମନ୍ତ୍ରୀ  ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ଦକ୍ଷତା ପ୍ରତିଯୋଗିତାଥି ଅଂଶଗ୍ରହଣ୍ କରିଥିବା ପ୍ରତିଯୋଗୀମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ସମ୍ବର୍ଦ୍ଧିତ କରିଛନ୍ । ଇ ବିଶ୍ୱସ୍ତରୀୟ ପ୍ରତିଯୋଗିତାଥି ବ୍ରୋଞ୍ଜ୍ ପଦକ୍ ପାଇଥିବା ଅମରେଶ୍ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ୨୫ ଲାଖ୍ ଟଙ୍କା ଆଉ ମେଡ଼ାଲିୟନ୍ ଫର୍ ଏକ୍ସଲେନ୍ସ ହାସଲ୍ କରିଥିବା ଗେଡ଼େଲା ଅଖିଲ୍‌ଙ୍କୁ ୫ ଲାଖ୍ ଟଙ୍କାର୍ ପୁରସ୍କାର୍ ଦେଇଥିଲେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଓଡ଼ିଶାର୍ ପିଲାମାନ୍‌କର୍ ଦକ୍ଷତା ଇହାଦେ ପୁର୍‌ଥିର୍ ନଜର୍‌କେ ଆସିପାରିଛେ । ଆଏବା ଦିନେ ଓଡ଼ିଶା ନ ଦକ୍ଷତା ବିକାଶ୍‌କେ ଗୁଟେ ଆନ୍ଦୋଲନ୍‌ଥି ପରିଣତ୍ କରାଯିବା । ୨୦୩୬ ଆଉ ୨୦୪୭ କେ ଆଁଖି ଆଗାଡ଼େ ରଖିକରି ଗୁଟେ ବିକଶିତ୍ ଓଡ଼ିଶା ଗଠନ୍ ଲାଗି କାର୍ଯ୍ୟକ୍ରମ୍ ତିଆର୍ ହେଉଛେ । ଇ ବିକଶିତ୍ ଓଡ଼ିଶାର୍ ପ୍ରକୃତ ସାରଥୀ ହେବେ ଆମର୍ ଦକ୍ଷ ଯୁବଶକ୍ତି । ଯୁବଶକ୍ତି ନୂଆଁକ୍ରାନ୍ତି ଆଉ ସେମାନେ ଆମର୍ ଅଖଣ୍ଡ ବିଶ୍ୱାସ୍‌ର ଆଧାର୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ଫ୍ରାନ୍ସର ଲିଅନ୍‌ଠାନେ ହେଇଥିବା ଇ ପ୍ରତିଯୋଗିତାଥି ଦେଶର୍ ୬୦ ଝନ୍ ପ୍ରତିଯୋଗୀଙ୍କର୍ ଭିତ୍‌ରେ ଓଡ଼ିଶାନୁ ୧୫ ଝନ୍ ରହିଥିଲେ ।

ରାଷ୍ଟ୍ରପତି ପୁରସ୍କାର୍- ଶିକ୍ଷକ୍         ଆର୍ଏନ୍ୟୁ/ସମ୍ବଲପୁର

ରାଜ୍ୟର୍ ଶିକ୍ଷା ବ୍ୟବସ୍ଥାଥି ସବୁଠାନୁ ବଢ଼ିଆଁ ପ୍ରଣାଲୀ ଆନ୍ବାର୍ ଲାଗି ସର୍କାର୍ ଚେଷ୍ଟା ଜାରି ରଖିଛନ୍ । ଶିକ୍ଷା ଭିତିଭୂମିକେ ଦୁରୁସ୍ତ କର୍ବାର୍ ଲାଗି ବଜେଟ୍‌ଥି ଭିଲ୍ ବ୍ୟବସ୍ଥା କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ରାଷ୍ଟ୍ରପତି ପୁରସ୍କାର୍ ପାଇଥିବା କୃତି ଶିକ୍ଷକ୍ ଡକ୍ଟର୍ ଦୂତୀ ଚନ୍ଦ୍ର ସାହୁ ଆଉ ସନ୍ତୋଷ୍ କୁମାର୍ କରଙ୍କୁ ସମ୍ବର୍ଦ୍ଧନା ଦେବାର୍ ସମିଆଥି ମୁଖ୍ୟମନ୍ତ୍ରୀ ଇଟା କହିଛନ୍ । ସେ କହିଛନ୍ ଯେ, ପ୍ରାଥମିକ ସ୍ତର୍ ନ ଛାତ୍ରଛାତ୍ରୀମାନ୍‌କର୍ ନିହିକେ ବର୍କସ୍ କର୍ବାର୍ ଲାଗି ଫି’ ପଂଚାୟତ୍ ନ ଗୁଟେ ଲେଖା ‘ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ’ ଖୁଲାଯିବା । ଇ ବିଦ୍ୟାଳୟମାନ୍‌କେ ଛାତ୍ରଛାତ୍ରୀମାନ୍‌କର୍ ମେଧା ଶକ୍ତିର୍ ଉଜାଗର୍ କରିକରି ଉଚ୍ଚବିଦ୍ୟାଳୟକେ ଉନ୍ନିତ କର୍ବା । ଯେନ୍‌ଟାକି ଶିକ୍ଷା କ୍ଷେତ୍ର ନ ବ୍ୟାପକ୍ ପରିବର୍ତନ୍ ଆନ୍ବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଆଭ୍ୟନ୍ତରୀଣ ଅଭିଯୋଗ୍ କମିଟି         ଆର୍ଏନ୍ୟୁ/ କଟକ୍

ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ହପ୍ତେ ଭିତ୍‌ରେ ଆଭ୍ୟନ୍ତରୀଣ ଅଭିଯୋଗ୍ କମିଟି ଗଠନ୍ କର୍‌ବାର୍‌କେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ନିର୍ଦ୍ଦେଶ୍ ଦେଇଛେ । କମିଟି ଗଠନ୍ ନେଇକରି ଆଏବା ୩୦ ତାରିଖ୍‌ତକ୍ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ଇଥି କୁହାଯାଇଛେ । କର୍ମସ୍ଥଲୀ ନ ମହିଲା କର୍ମଚାରୀଙ୍କର୍ ସୁରକ୍ଷା ଆର୍ ନିର୍ଯ୍ୟାତନା ବାବ୍‌ଦର୍ ଅଭିଯୋଗ୍‌ର ଶୁଣାଣି ଲାଗି ବିଭାଗ୍ କମିଟି ଗଠନ୍‌କେ ଧରାବନ୍ଧା କରିଛେ । ହେଲେ ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା କେତେଟା ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଆଉ ଅଲ୍‌ଗା ଶିକ୍ଷାନୁଷ୍ଠାନ୍‌ଥି ଇ କମିଟି ଗଠନ୍ ନାଇଁ ହେଇ । ଆଇନ୍ ଅନ୍‌ସାରେ ଧାରିଜ୍ ସମିଆ ଭିତ୍‌ରେ କମିଟି ଗଠନ୍ ସହେତେ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ଉଚ୍ଚଶିକ୍ଷାନୁଷ୍ଠାନ୍‌ର ଅଧ୍ୟକ୍ଷ ମାନ୍‌କୁ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ସୂର୍ଯ୍ୟମନ୍ଦିର୍- ଜି.ପି.ଆର୍ ସ୍କାନିଂ ଆର୍‌ଏନ୍‌ୟୁ/ କଟକ୍

କୋଣାର୍କ ସୂର୍ଯ୍ୟମନ୍ଦିର୍‌ର ବାହାର୍ ଇଲାକାର୍ ଜିପିଆର୍ ସ୍କାନିଂ ସର୍ଭେ ଜାରି ରହିଛେ । ମନ୍ଦିର୍‌ର ଗର୍ଭଗୃହ ଆଉ ବାହାର ପାଖର କିଛି ଇଲାକାକେ ଭାରତୀୟ ପ୍ରତ୍ନତାତ୍ତ୍ୱିକ୍ ସର୍ବେକ୍ଷଣ୍ ସଂସ୍ଥାର ବୈଷୟିକ ଦଲ୍ ସର୍ବେକ୍ଷଣ୍ କରିଛନ୍ । ମନ୍ଦିର୍ ପ୍ରାଙ୍ଗଣ ତଲେ କିଛି ନିର୍ମିତ ଅଂଶ ରହିଥିବାର୍ ପ୍ରାଥମିକ

ଆକଲନ୍‌ନୁ ଜନାପଡ଼ିଛେ ବଲି ଏଏସ୍‌ଆଇ ସୂଚ୍‌ନା ଦେଇଛେ । ହେଲେ ସବିଶେଷ୍ ରିପୋର୍ଟ ମିଲ୍‌ବାର୍ ଉତ୍‌ରୁ ପୁରା ତଥ୍ୟ ଜନାପଡ଼୍‌ବା । ସଂସ୍ଥାର୍ ପୁରୀ ସର୍କଲ୍‌ର ଅଧିକ୍ଷକ ଡି.ବି. ଗଡ଼ନାୟକ ଆଉ ଡେପୁଟି ଇଞ୍ଜିନିୟର୍ ଡକ୍ଟର୍ ଚିତରଞ୍ଜନ୍ ଦାସ୍‌ଙ୍କର୍ ନେତୃତ୍ୱ୍‌ଥି ହାଇଦ୍ରାବାଦ୍‌ର ଏନ୍‌ଜିଆର୍‌ଆଇ ସଂସ୍ଥାର୍ ୩ ଝନିଆ ବୈଜ୍ଞାନିକ୍ ଦଲ୍ ଇ ସର୍ଭେଥି ସାମିଲ୍ ଅଛନ୍ ।

ଏନ୍‌ଏସ୍‌ଏସ୍ ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ଜାତୀୟ ସେବା ଯୋଜ୍‌ନା- ଏନ୍‌ଏସ୍‌ଏସ୍ ଦିବସ୍ ପାଲନ୍ କରାଯାଉଛେ । ଭାରତ୍ ସର୍‌କାର୍‌ଙ୍କର୍ ଯୁବ ବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଲୟ ତର୍‌ଫୁ ଇ ଯୋଜ୍‌ନାଥି ଛାତ୍ରଛାତ୍ରୀମାନ୍‌କୁ ସମାଜ୍‌ସେବା ଆଡ଼୍‌କେ ତହଁକାବାର୍ ଲାଗି କାର୍ଯ୍ୟକ୍ରମ୍ ଗ୍ରହଣ୍ କରାଯାଉଛେ । ଶିକ୍ଷା ସଂସ୍ଥାନ୍ ମାନ୍‌କୁ ସେନର୍ ଲୁକ୍‌କର୍ ସହେତେ ଜୁଡ଼୍‌ବାର୍ ଲାଗି ଏନ୍‌ଏସ୍‌ଏସ୍ ଗୁଟେ କେନ୍ଦ୍ରୀୟ ମିଶନ୍ ଭାବେ କାମ୍ କରି ଆସୁଛେ । ୧୯୬୯ ମସିହାଥି ଜାତିର୍ ପିତା ମହାତ୍ମା ଗାନ୍ଧୀଙ୍କର୍ ଜନ୍ମ ଶତବାର୍ଷିକୀ ପାଲନ୍ ଅବ୍‌ସରେ ଜାତୀୟ ସେବା ଯୋଜ୍‌ନା ମୁଳ୍ ହେଇଥିଲା ।

ଇ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲାର୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ, ରେଢ଼ାଖୋଲ୍‌ର ନାକ୍‌ଟିଦେଉଲ୍ କଲେଜ୍ ଆଉ ଅଲ୍‌ଗା ଶିକ୍ଷାନୁଷ୍ଠାନ୍‌ମାନ୍‌କେ ସଚେତନତା କାର୍ଯ୍ୟକ୍ରମ୍ ଆଉ ରକ୍ତଦାନ୍ ଶିବିରମାନ୍ ଆୟୋଜନ୍ କରାଯାଇଛେ ।

ଷୋହଳ ପୂଜା        ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ଅଧିଷ୍ଠାତ୍ରୀ ଦେବୀ ମା ବିମଳାଙ୍କର୍ ସହେତେ ଅଲ୍‌ଗା ଦେବୀ ପୀଠମାନ୍‌କେ ରୀତିନୀତି ଅନ୍‌ସାରେ ଷୋଡ଼ଶ ଦିନାତ୍ମକ ପୂଜା ମୁଲ୍ କରାଯାଇଛେ । ପରମ୍ପରା ଅନ୍‌ସାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଶ୍ରୀନଅର ନ ଶ୍ରୋତ୍ରୀୟ ବ୍ରାହ୍ମଣ୍ ମାନ୍‌କୁ ବରଣ କରିଛନ୍ । ୧୬ ଦିନ୍ ଧରିକରି ହେବାର୍‌କେ ଥିବା ଇ ପୂଜାର୍ ଲାଗି ରାଜଗୁରୁ, ଦେଉଳ ପୁରୋହିତ ମାନେ ଗଜପତି ମହାରାଜାଙ୍କର୍ ସିଦ୍ଧିହସ୍ତ ଛୁଆଁ ଗୁଆ ଆର୍ ନଡ଼ିଆ ଆଚାର୍ଯ୍ୟମାନ୍‌କୁ ଦେଇଛନ୍ । ରୀତିନୀତି ଅନ୍‌ସାରେ ପୁରୀର ଶକ୍ତିପୀଠ ମାନ୍‌କେ ଇ ଆଚାର୍ଯ୍ୟମାନେ ଚଣ୍ଡିପାଠ, ଦୁର୍ଗା ଆରାଧନା ନୀତି କର୍‌ବେ ।

ଇ ଅବ୍‌ସରେ ଦେବୀ ଦୁର୍ଗାଙ୍କର୍ ସହସ୍ରା କୁମ୍ଭାଭିଷେକ ଆଉ ଦେବୀ ଉତ୍‌ଥାପନ୍ ନୀତି କରାଯାଇଥିଲା । ଇ କ୍ରମଥି

ଆଏବା ମାସ ୯ ତାରିଖ୍ ବୁଧବାର୍ ଦିନ ମା ବିମଲାଙ୍କର୍ ପୀଠ ନ ମହାସପ୍ତମୀ, ୧୦ ତାରିଖ୍ ଗୁରୁବାର୍ ଦିନ ମହାଅଷ୍ଟମୀ ଆର୍ ୧୧ ତାରିଖ୍ ଶୁକ୍ରବାର୍ ଦିନ ମହାନଅମୀ ପୂଜା ହେବା । ୧୨ ତାରିଖ୍ ଦିନ ମାଙ୍କର୍ ବିଶ୍ରାମ୍ ପୂଜା ହେଇକରି ୧୩ ତାରିଖ୍ ରଏବାର୍ ଦିନ ଦଶ୍ରା ପୂଜା ହେବା ବଲି ଜନାପଡ଼ିଛେ ।

## ସମଲେଶ୍ୱରୀ ମନ୍ଦିର୍- ଦଶ୍ହରା

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ର ଶ୍ରୀ ଶ୍ରୀ ସମଲେଶ୍ୱରୀ ପୀଠ ନ ଶାରଦୀୟ ଦଶ୍ହରା ଲାଗି ଆଏଜ୍ ମୁଳାଷ୍ଟମୀ ତିଥି ନ ୧୬ ଦିନିଆ ପୂଜା ମୁଲ୍ ହେଇଛେ । ଆଏବା ମାସର୍ ୨ ତାରିଖ୍ ବୁଧବାର୍ ଦିନ ମା ସମଲେଶ୍ୱରୀ ଧବଲ୍ମୁଖୀ ଆଉ ଗଙ୍ଗାଦର୍ଶନ୍ ବେଶଥି ଭକ୍ତମାନ୍କୁ ଦର୍ଶନ୍ ଦେବେ । ୩ ତାରିଖ୍ ଗୁରୁବାର୍ ନୁ ୯ ଦିନିଆ ଶାରଦୀୟ ପୂଜା ଆଉ ନବରାତ୍ରୀ ଦ୍ୱୀପ ପ୍ରଜ୍ୱଳନ ଆରମ୍ଭ୍ ହେବା । ଆଏବା ମାସର୍ ୧୨ ତାରିଖ୍ ଶନିବାର୍ ଦିନ ସମଲେଶ୍ୱରୀ ପୀଠ ନ ଦଶ୍ହରା ଆର୍ ରଣ୍ଜିତା ଉତ୍ସବ୍ ଆର୍ ୧୬ ତାରିଖ୍ କୁଆଁରପୂର୍ଣ୍ଣିମା, ଦେବୀଙ୍କର୍ ରାଜରାଜେଶ୍ୱରୀ ବେଶ ନୂଆଁ ଧ୍ୱଜା ଆରୋହଣ୍ ଆଉ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ୍ ହେବା ବଲି ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର୍ ଟ୍ରଷ୍ଟବୋର୍ଡ଼ ତର୍ଫୁ କୁହାଯାଇଛେ ।

ସୁବର୍ଣ୍ଣପୁର୍ ନ ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କର୍ ସହେତେ ଜିଲ୍ଲାର୍ ମାହେଶ୍ୱରୀ ପୀଠମାନ୍‌କେ ଆଏଜ୍‌ଠାନୁ ଷୁଲ୍‌ହ ପୂଜା ମୁଲ୍ ହେଇଛେ । ସଖାଲେ ଦେବୀଙ୍କର୍ ସ୍ନାନ ଉତ୍‌ରୁ ପାରମ୍ପରିକ୍ ନୀତିଥି ମଙ୍ଗଲଆଲତୀ ଆଉ ପୂଜା ମୁଲ୍ ହେଇଥିଲା ।

ହେନ୍ତା ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ଶକ୍ତିପୀଠ ମାଁ ଭୈରବୀଙ୍କର୍ ଠାନେ ଆଏଜ୍ ଷୋହଲ ପୂଜା ମୁଲ୍ ହେଇଛେ । ଇ ପୂଜା ଆଶ୍ୱିନ୍ ମାସର୍ ଉଜଲ୍‌ପଖର୍ ମହାଷ୍ଟମୀ ତକ୍ ଚାଲ୍‌ବା ।

ପୁଓଜିଉଁତିଆ ସମ୍ବଲପୁର୍/ବୌଦ୍ଧ/ସୁବର୍ଣ୍ଣପୁର୍

ଆଏଜ୍ ପବିତ୍ର ମୂଳାଷ୍ଟମୀଥି ପଶ୍ଚିମ ଓଡ଼ିଶାର୍ ମା ମାନେ ପୁଓଜିଉଁତିଆ ପାଲନ୍ କରୁଛନ୍ । ପୁଓ ମାନ୍‌କର୍ ମଙ୍ଗଲ୍‌କାମ୍‌ନା କରିକରି ମା ମାନେ ଇ ଉପାସ୍ କରୁଛନ୍ । ମା ମାନେ ନିର୍ଜଲା ଉପାସ୍ ରହିକରି ଦୁତିବାହନ ଆର୍ ଷଠୀ ମା ଙ୍କର୍ ପୂଜା କର୍‌ସନ୍ । ଗାଁ କଲୋନୀ ଆର୍ ପଡ଼ା ମାନ୍‌କର୍ ଛକ୍ ଜାଗା ମାନ୍‌କେ ଇ ପୂଜାର୍ ଲାଗି ବେଦୀ ମାନ୍ ତିଆର୍ କରାଯାଇଛେ । ଆଏବା କାଏଲ୍ ସଖାଲେ ଗାଧିଲା ଉତ୍‌ରୁ ଘରେ ପୁଓ ମାନ୍‌କୁ ଶହେ ୮ ଦୁବ ବନ୍ଧେଇକରି ଜୁଁତିଆ ପିନ୍ଧାବେ । କପ୍‌ଡ଼ାଲତା ଆଉ

ପୂଜା ସାମଗ୍ରୀ ଘିନ୍‌ବାର୍ ଲାଗି ପଶ୍ଚିମ ଓଡ଼ିଶାର୍ ଗାଁ ଗହଳିନୁ ନେଇକରି ସହର୍ ସବୁ ଜାଗା ନ ଗହଲ୍‌ଚହଲ୍ ହେଇଛେ ।

ମନ୍ କି ବାତ୍        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଆଏବା ୨୭ ତାରିଖ୍‌ତକ୍ ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ଲୁକେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ପଠେଇପାର୍‌ବେ । ଇତାର୍‌ଛଡ଼ା ୧୯୨୨ ଫୋନ୍ ନମ୍ବର୍‌ଥି ମିସ୍‌ଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ମିଳିପାରୁଥିବା ଲିଙ୍କ୍‌ଥି ଭିଲ୍ ସନ୍ଦେଶ୍ ଦେଇପାର୍‌ବେ । ନରେନ୍ଦ୍ର ମୋଦୀ ଆପ୍ ନାଇଁ ହେଲେ ମାଇ ଗଭ୍ ଓପନ୍ ଫୋରମ୍ ଜରିଏ ଅନ୍‌ଲାଇନ୍‌ଥି ସନ୍ଦେଶ୍ ଦିଆଯାଇପାର୍‌ବା ।

ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ ‘ନ୍ୟୁଜ୍ ଅନ୍ ଏଆଇଆର୍’ ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍,

ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ରାଜସ୍ୱ କମିଶନର୍ ଗସ୍ତ - ଝାର୍‌ସୁଗୁଡ଼ା ଝାର୍‌ସୁଗୁଡ଼ା ସମ୍ବାଦଦାତା

ସମ୍ବଲ୍‌ପୁର୍ ଆଉ ଝାର୍‌ସୁଗୁଡ଼ା ଜିଲ୍ଲାର୍ ସୀମାନ୍ତ ନ ନବରତ୍ନ କମ୍ପାନୀ ଏନ୍‌ଏଲ୍‌ସି ଇଣ୍ଡିଆ ଲିମିଟେଡ୍‌ର ତାପଜ ବିଦ୍ୟୁତ୍ କେନ୍ଦ୍ର ଲାଗି ଆର୍‌ପିଡିଏସି ବୈଠକ୍ ଆଏଜ୍ ଝାର୍‌ସୁଗୁଡ଼ା ଠାନେ ହେଇଥିଲା । ଇଥି ଉତରାଂଚଳ ରାଜସ୍ୱ କମିଶନର୍ ସଚିନ୍ ରାମଚନ୍ଦ୍ର ଯାଦବ୍ ଅଧକ୍ଷତା କରିଥିଲେ । ଇନ ପ୍ରକଳ୍ପ ଲାଗି ବିସ୍ଥାପିତ ହେବାର୍‌କେ ଥିବାର୍ ଲୁକ୍‌କୁ ନୀତିନିୟମ୍ ଅନ୍‌ସାରେ ଥଇଥାନ୍ କରାଯିବା । ଆଉ ପ୍ରକଳ୍ପ ଇଲାକା ନ ସର୍‌କାରୀ ଜମିଥି ରହୁଥିବା ୪୦ ଟା ପରିବାର୍‌କେ କ୍ଷତିପୂରଣ୍ ଦେବାର୍ ଲାଗି ଥିର୍ କରାଯାଇଥିଲା । ବୈଠକ୍‌ଥି ସାଂସଦ୍ ପ୍ରଦୀପ୍ ପୁରୋହିତ୍, ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଆଉ ଝାର୍‌ସୁଗୁଡ଼ା ଜିଲ୍ଲାର୍ ପ୍ରଶାସନିକ ଆଉ ପୁଲିସ୍ ଅଧିକାରୀମାନେ ସାମିଲ୍ ହେଇଥିଲେ ।

ବିକାଶ ମେଳା - ନୂଆପଡ଼ା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ମିନି ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ବିକାଶ୍ ମେଳାର୍ ୨ ନମ୍ବର୍ ସନ୍ଧ୍ୟା ନ ଆଏଜ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ସଭାପତିତ୍ୱ କରିଥିଲେ । ଇନ ଜିଲ୍ଲାର୍ ୫ ଟା ବ୍ଲକ୍‌ର କବିମାନେ ଜିଲ୍ଲା ପ୍ରଶାସନ୍‌ର ଅଧିକାରୀମାନ୍‌କର୍ ସହେତେ କବିତା ପାଠ କରିଥିଲେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛେ । ଇତାର୍‌ପ୍ରଭାବ୍‌ଥି ଆଏବା କାଏଲ୍ ସୁନ୍ଦର୍‌ଗଡ୍, ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବର୍‌ଗଡ୍, ଦେବ୍‌ଗଡ୍ ସହେତେ ୨୦ ଟା ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍‌ତକ୍ ବର୍ଷା ହେଇପାରେ । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେନ୍ତା ନୂଆପଡ଼ା ଆଉ କଳାହାଣ୍ଡି ଜିଲ୍ଲା ନ ଭିଲ୍ ଧୁକାଗର୍ଡ଼ି ସହେତେ ବର୍ଷା ହେଇପାରେ ।